# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 November - 2024**

**News Editor : *Itishree Singh Rathaur***

***********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦ ଅର୍ଡର ଅଫ୍ ଦ ନାଇଜର' ସମ୍ମାନରେ ସମ୍ମାନିତ କରିବେ ନାଇଜେରିଆ ସରକାର ।

- ଭାରତର ବିକାଶର କାହାଣୀରେ ଓଡ଼ିଶା ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇ ଉଭା ହେବା ପାଇଁ ପ୍ରସ୍ତୁତ ।

  \- ସିଙ୍ଗାପୁର ଗସ୍ତ ଅବସରରେ କହିଲେ ମୁଖ୍ୟମନ୍ତ୍ରୀ ।

- ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିକୁ ବେଆଇନ୍ ଭାବେ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଗ୍ରହଣ କରିବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ।

ଏବଂ

- ଭୁବନେଶ୍ୱରରେ ପ୍ରଦାନ କରାଗଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ।

## ପ୍ରଧାନମନ୍ତ୍ରୀଙ୍କ ନାଇଜେରିଆ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନାଇଜେରିଆର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦ ଅର୍ଡର ଅଫ୍ ଦ ନାଇଜର' ପ୍ରଦାନ କରାଯିବ। ନାଇଜେରିଆ ସରକାର ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବରୁ ରାଣୀ ଏଲିଜାବେଥ୍ ଏକମାତ୍ର ବିଦେଶୀ ଭାବେ ୧୯୬୯ରେ ଏହି ସମ୍ମାନରେ ସମ୍ମାନିତ ହୋଇଥିଲେ। ସୂଚନା ଅନୁସାରେ ୨ ଦିନିଆ ନାଇଜେରିଆ ଗସ୍ତ ଶେଷକରି ପ୍ରଧାନମନ୍ତ୍ରୀ ବ୍ରାଜିଲ ଗସ୍ତରେ ଯିବେ।

## ମୁଖ୍ୟମନ୍ତ୍ରୀ-ସିଙ୍ଗାପୁର ଗସ୍ତ

ଭାରତର ବିକାଶର କାହାଣୀରେ ଓଡ଼ିଶା ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇ ଉଭା ହେବା ପାଇଁ ପ୍ରସ୍ତୁତ ଅଛି । ସିଙ୍ଗାପୁର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି ସାରା ବିଶ୍ୱରୁ ନିବେଶକମାନେ ଭାରତରେ ନିବେଶ କରିବାକୁ ଚାହିଁଲେ ଓଡ଼ିଶା ସେମାନଙ୍କର ପ୍ରଥମ ପସନ୍ଦର କ୍ଷେତ୍ର ହେବ । ଶିଳ୍ପ ବିକାଶ ଏବଂ ବ୍ୟବସାୟ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ମୁଖ୍ୟମନ୍ତ୍ରୀ ଆଜି ସିଙ୍ଗାପୁରରେ ଓରିଣ୍ଡ ସିଙ୍ଗାପୁର ପ୍ରାଇଭେଟ ଲିମିଟେଡର ଅଧ୍ୟକ୍ଷ ରବିନ ଝୁନ୍‌ଝୁନ୍‌ୱାଲାଙ୍କ ସହ ଏକ ବୈଠକରେ ସାକ୍ଷାତ୍  ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ତାଙ୍କର ଏହି ବୈଠକ ଫଳପ୍ରଦ ହୋଇଛି । ଶ୍ରୀ ଝୁନ୍‌ଝୁନ୍‌ୱାଲା ଓଡ଼ିଶାରେ ଜୈବିକ ସାର

କ୍ଷେତ୍ରରେ ନିବେଶ କରିବାକୁ ଇଚ୍ଛୁକ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଏଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ତାଙ୍କୁ ସମ୍ପୂର୍ଣ୍ଣ ସହାୟତା ଓ ସମର୍ଥନ ପ୍ରଦାନ କରାଯିବ ।

ଓଡ଼ିଶାର ବିମାନସେବା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଗକୁ ଦେଖିବାକୁ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଶାରୁ ଇନ୍ଦୋର, ହାଇଦ୍ରାବାଦ ସମେତ ଅନ୍ୟ ସହରକୁ ଖୁବ୍‌ଶୀଘ୍ର ବିମାନସେବା ଆରମ୍ଭ ହେବ । ଯାହାକି ରାଜ୍ୟର ଜନସାଧାରଣଙ୍କର ଗମନାଗମନକୁ ସୁଗମ କରିବା ସହ ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି

ଶ୍ରୀଜଗନ୍ନାଥଙ୍କ ଜମିର ବେଆଇନ ବିକ୍ରିକୁ ବରଦାସ୍ତ କରାଯିବ ନାହିଁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁରୀ ବାସେଲୀ ସାହି ଜମି ଜାଲିଆତି ଘଟଣାରେ ସମ୍ପୃକ୍ତ ଥିବା କ୍ରେତା ବିକ୍ରେତା ଏବଂ ସବ୍‌ରେଜିଷ୍ଟ୍ରାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିର ପ୍ରଶାସନ ପକ୍ଷରୁ ଏ ନେଇ ଏତଲା ଦିଆଯାଇଛି। ୨୦୦୩ ୟୁନିଫର୍ମ ପଲିସି ଅନୁସାରେ ଜବରଦଖଲ ହୋଇଥିବା ଶ୍ରୀଜଗନ୍ନାଥଙ୍କ ଜମିଗୁଡ଼ିକର ବନ୍ଦୋବସ୍ତ କରାଯାଇ ଜମିକୁ

ଜବରଦଖଲମୁକ୍ତ କରାଯିବ । ଏହାଦ୍ୱାରା ୮ ରୁ ୧୦ ହଜାର କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ପୁରୀ ମାର୍ଫତ ପରିଚାଳନା କମିଟିଙ୍କ ସମସ୍ତ ଜମିପଟ୍ଟାଗୁଡ଼ିକର କମ୍ପ୍ୟୁଟରୀକରଣ କରାଯାଇଛି । ବିକ୍ରିବଟା ଓ ଲିଜ୍‌କୁ ଏହାଦ୍ୱାରା ସ୍ୱଚ୍ଛ କରାଯାଇପାରିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।

## ଡିଆରଡିଓ

ଓଡ଼ିଶା ଉପକୂଳରେ ଥିବା ଡକ୍ଟର ଏ.ପି.ଜେ ଅବଦୁଲ କଲାମ ଦ୍ୱୀପରୁ ଦେଶର ପ୍ରଥମ ଦୀର୍ଘଦୂରତା ଅତିକ୍ରମ କରୁଥିବା ହାଇପରସୋନିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରାଯାଇଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ– ଡିଆରଡିଓ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି କ୍ଷେପଣାସ୍ତ୍ର ୧ହଜାର ୫୦୦ କିଲୋମିଟରରୁ ଅଧିକ ଦୂରତ୍ୱ ଅତିକ୍ରମ କରିପାରିବ । ଏହାସହ ୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଅତିଜ୍ୱଳନଶୀଳ ଯୁଦ୍ଧାସ୍ତ୍ର ବହନ କରିପାରିବ । ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ଦୂରତା ୧ ହଜାର ୩୬୮ କିଲୋମିଟର ରହିଛି । ଏଥିରେ ୨ଟି ପର୍ଯ୍ୟାୟରେ ଇଞ୍ଜିନ ବ୍ୟବହାର କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଦେଶର ଏକ ଐତିହାସିକ ଉପଲବ୍ଧି । ଏହାଦ୍ୱାରା ଭାରତ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତଥା ଉନ୍ନତ ସାମରିକ ଜ୍ଞାନକୌଶଳ କ୍ଷମତା ସମ୍ପନ୍ନ ରାଷ୍ଟ୍ରଗୋଷ୍ଠୀରେ ସାମିଲ ହୋଇଛି । ଏହି

ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ଡିଆରଡିଓ, ସଶସ୍ତ୍ର ବାହିନୀ ଏବଂ ସମ୍ପୃକ୍ତ ଶିଳ୍ପଗୋଷ୍ଠୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଚଳଚ୍ଚିତ୍ର ପୁରସ୍କାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୦, ୨୦୨୧ ଏବଂ ୨୦୨୨ ବର୍ଷ ନିମନ୍ତେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ଆଜି ଭୁବନେଶ୍ୱରରେ ପ୍ରଦାନ କରାଯାଇଛି। ଜୀବନବ୍ୟାପୀ ସାଧନା ପାଇଁ ୩ ଜଣଙ୍କୁ ମୋହନସୁନ୍ଦର ଦେବଗୋସ୍ୱାମୀ ସମ୍ମାନ ପ୍ରଦାନ କରାଯାଇଥିଲା । ୨୦୨୦ ମସିହା ପାଇଁ ଲେଖକ, ନିର୍ଦ୍ଦେଶକ ଓ ନାଟ୍ୟକାର ଅନନ୍ତ ମହାପାତ୍ର, ୨୦୨୧ ପାଇଁ ବିଶିଷ୍ଟ ଚିତ୍ର ଉତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ର ଏବଂ ୨୦୨୨ ମସିହାପାଇଁ ହାସ୍ୟ ଅଭିନେତା ଜୟିରାମ ସାମଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ରୋବୋଟିକ ସର୍ଜରୀ

ରାଜ୍ୟ ସରକାର ଆଗାମୀ ଆର୍ଥିକ ବର୍ଷରେ ରୋବୋଟିକ ସର୍ଜରୀ ଆରମ୍ଭ କରିବେ । ଏହାସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗକୁ ବ୍ୟାପକ କରାଯିବ ବୋଲି ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱର ଅଖିଳ ଭାରତୀୟ

ଆର୍ୟୁବିଜ୍ଞାନ ସଂସ୍ଥାନରେ ଅନୁଷ୍ଠିତ ଏଏସ୍ଆଇ ଓଡ଼ିଶାର ଅଣଚାଳିଶତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ନୂତନ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଯୋଜନା କରାଯାଉଛି । ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀ- ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଏବଂ ୨୫ ତାରିଖ ସୋମବାର ଦିନ ବନ୍ଦ ରହିବ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦିନ ମାନଙ୍କରେ ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ସମନ୍ୱୟ କମିଟି ବୈଠକ

ଢେ଼ଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଏକାଦଶ କୃଷି ଗଣନା ସମ୍ପର୍କିତ ତୃତୀୟ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ସୂଚନା ବିଜ୍ଞାନୀ ଅଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ ।

# ସମ୍ବିଧାନ ରଥ

ବରଗଡ ଜିଲ୍ଲା ଗାଇସିଲେଟ୍ ଅନ୍ତର୍ଗତ ଗନିଆପାଲି ବୁଦ୍ଧବିହାରରୁ ପରିକ୍ରମା ଆରମ୍ଭ କରିଥିବା ସମ୍ବିଧାନ ରଥ ଆଜି ବୌଦ୍ଧ ଜିଲ୍ଲାର ମନମୁଣ୍ଡାଠାରେ ପହଞ୍ଚିଛି । ଚଳିତବର୍ଷ ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଅବସରରେ ଏହି ରଥ ପଶ୍ଚିମ ଓଡ଼ିଶାର ୧୫ଗୋଟି ଜିଲ୍ଲା ପରିଭ୍ରମଣ କରୁଛି । ମନମୁଣ୍ଡାରେ ସମ୍ବିଧାନ ରଥକୁ ସ୍ୱାଗତ କରାଯିବା ସହ ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଆସନ୍ତା ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏହି ରଥ ପରିକ୍ରମା କରିବ । ଆସନ୍ତା ୨୬ ତାରିଖ ଦିନ ସମ୍ବିଧାନ ଦିବସ ଅବସରରେ ବୌଦ୍ଧ ଟାଉନ୍‌ହଲ୍‌ଠାରେ ଏକ ବିଶାଳ ସଭାର ଆୟୋଜନ ହେବର କାର୍ଯ୍ୟସୂଚୀ ରହିଛି ।

## ହକି ଦଳ ଓଡ଼ିଶା ଫେରିଲେ

ଚତୁର୍ଦ୍ଦଶ ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚାମ୍ପିୟନସିପ୍‌ରେ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ଓଡ଼ିଶା ହକି ଦଳ ଆଜି ଭୁବନେଶ୍ୱରରେ ପହଞ୍ଚିଛି । ପୁରା ପ୍ରତିଯୋଗିତାରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିବା ସହ ଫାଇନାଲରେ ହରିୟାଣାକୁ ୫-୧ ଗୋଲ୍‌ରେ ପରାସ୍ତ କରିଥିଲା । ବିମାନ ବନ୍ଦରରେ ଖେଳାଳିମାନେ ପହଞ୍ଚିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।

## ଆଲୋଚନାଚକ୍ର

ରାଜ୍ୟ ବିଜେପି ବୁଦ୍ଧିଜୀବୀ ପ୍ରକୋଷ୍ଠ ଆନୁକୂଲ୍ୟରେ ଓଡ଼ିଆ ଭାଷା ସୁରକ୍ଷା ଓ ସମୃଦ୍ଧି ଶୀର୍ଷକ ଏକ ଆଲୋଚନାଚକ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସାମଲ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଆବଶ୍ୟକ ଆଇନ୍ ପ୍ରଣୟନ କରାଯିବାର ପ୍ରତିଶ୍ରୁତି ଦେବା ସହ ଏକ ଭାଷା କମିଶନ ଗଠନ କରିବାକୁ ସରକାର ଉଦ୍ୟମ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ଆଲୋଚନାଚକ୍ରରେ ୨୦୦ରୁ ଊର୍ଦ୍ଧ୍ୱ ଲେଖକ, ସାହିତ୍ୟିକ, ସାମ୍ବାଦିକ, ପ୍ରଶାସନିକ ଅଧିକାରୀ, ସମାଜସେବୀ ଓ ଭାଷାବିତ୍‌ମାନେ ଯୋଗ ଦେଇଥିଲେ ।

## ବାଲିଯାତ୍ରା

ଐତିହାସିକ ବାଲିଯାତ୍ରାର ଆଜି ତୃତୀୟ ଦିନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଅପରାହ୍ଣ ଗୋଟାଏ ପରଠାରୁ ଉଭୟ ପଡ଼ିଆରେ ଜନସମାଗମ ଦେଖିବାକୁ ମିଳିଛି । ତଳ ପଡ଼ିଆରେ ଥିବା ଦୁଇଟି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହେଉଛି । ଭଜନ ଗାୟନ ସାଙ୍ଗକୁ ଲୋକକଳା ଏବଂ ଓଡ଼ିଆ କଳାକାରଙ୍କ ଆଧୁନିକ ଗୀତ ଦର୍ଶକ ମାନଙ୍କୁ ଆନନ୍ଦ ପ୍ରଦାନ କରୁଛି । ଓରମାସ ମେଳା, ପାରମ୍ପରିକ ପିଠା ଷ୍ଟଲ, ଅନନ୍ତ ଦୁନିଆ ଓ ଅନେକ ନୂଆ ନୂଆ ଜିନିଷ ଦର୍ଶକମାନେ ବୁଲି ଦେଖୁଛନ୍ତି । କେନ୍ଦ୍ରାପଡ଼ାର ଖଇରାବାଦରୁ ଆସିଥିବା ଷ୍ଟଲରେ ମିଳୁଥିବା ଅଦରକାରୀ ପ୍ଲାଷ୍ଟିକ ଜରିରୁ ପ୍ରସ୍ତୁତ ଘରକରଣା ଜିନିଷ କିଣିବାକୁ ଭିଡ଼ ଜମୁଛି ।

ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ପାଣିପାଗ

ରାଜ୍ୟର ଜିଲ୍ଲା ଗୁଡ଼ିକରେ ଆଗାମୀ ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ହ୍ରାସ ପାଇବାର ସମ୍ଭାବନା ରହିଛି । ଏହାପରେ ପାଗରେ କୌଣସି ବଡଧରଣର ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।